# NIC, Odisha warmly welcomed new State Informatics Officer (SIO), Dr. A. K. Hota

ସମାଜ The Samaja

**News Clips**

## ଅଶୋକ ହୋତା ରାଜ୍ୟ ସୂଚନା ବିଜ୍ଞାନ ପଦାଧିକାରୀ ନିଯୁକ୍ତ

ଭୁବନେଶ୍ୱର,୨୦।୨(ନି.ପ୍ର): ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର(ଏନଆଇସି) ଉପମହାନିର୍ଦ୍ଦେଶକ ଡ. ଅଶୋକ କୁମାର ହୋତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ଓଡ଼ିଶାର ନୂତନ ରାଜ୍ୟ ସୂଚନା ବିଜ୍ଞାନ ପଦାଧିକାରୀ ନିଯୁକ୍ତ କରାଯାଇଛି । ରାଷ୍ଟ୍ରୀୟ ସ୍ତରରେ ବୃହତ ଇ-ଗଭର୍ଣ୍ଣାନ୍ସ ପ୍ରକଳ୍ପ ଭଣ୍ଡା ପ୍ରସ୍ତୁତି, ବିକାଶ ଏବଂ କାର୍ଯ୍ୟକାରିତା କ୍ଷେତ୍ରରେ ଦୀର୍ଘ ୩୩ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତାକୁ ନେଇ ଭାରତ ସରକାରଙ୍କ ପକ୍ଷରୁ ଡ. ହୋତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ସେ ଛତିଶଗଡ଼ ରାଜ୍ୟ ସୂଚନା ବିଜ୍ଞାନ ପଦାଧିକାରୀ ଥିଲେ । ଡ. ହୋତା କହିଛନ୍ତି ଯେ, ଓଡ଼ିଶା ସରକାରଙ୍କ



୫-ଟି ନୀତି ଏବଂ ଡିଜିଟାଲ୍ ଇଣ୍ଡିଆ ମିଶନ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ପ୍ରଯୁକ୍ତିବିଦ୍ୟାର ନୂତନ ଜ୍ଞାନକୌଶଳ ଯଥା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ବ୍ଲକ୍ ଚେନ୍, ଡାଟା ଆନାଲିଟିକ୍ସ ଆଦିର ଅର୍ଥପୂର୍ଣ୍ଣ ବ୍ୟବହାର କରି ସବୁସ୍ତରରେ ଶାସନରେ ପ୍ରୟୋଗ ସହିତ ନାଗରିକଙ୍କୁ ସଶକ୍ତ କରିବାକୁ ସର୍ବଦା କର୍ତ୍ତବ୍ୟରତ ରହିବେ ।

ସମ୍ବାଦ

## ଅଶୋକ ହୋତା ରାଜ୍ୟ ସୂଚନା ବିଜ୍ଞାନ ପଦାଧିକାରୀ

ଭୁବନେଶ୍ୱର,୨୦/୨(ଇମିସ):ରାଜ୍ୟର ନୂତନ ସୂଚନା ବିଜ୍ଞାନ ପଦାଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି ଅଶୋକ ହୋତା। ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଉପ-ମହାନିର୍ଦ୍ଦେଶକ ଥିବା ଶ୍ରୀ ହୋତା ଚଳିତମାସ ୧୬ତାରିଖରୁ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଛତିଶଗଡ଼ର ରାଜ୍ୟ ସୂଚନା ବିଜ୍ଞାନ ପଦାଧିକାରୀ ଭାବେ ଅବସ୍ଥାପିତ ଥିଲେ। କେନ୍ଦ୍ର ସରକାର ତାଙ୍କୁ ନିଯୁକ୍ତି ଦେଇଛନ୍ତି। ଏହି ଅବସରରେ ଏକ ସ୍ୱାଗତ ସମାରୋହ ଆୟୋଜିତ ହୋଇଥିଲା। ଶ୍ରୀ ହୋତା କହିଥିଲେ ଯେ ରାଜ୍ୟ ସରକାରଙ୍କ ୫-ଟି ନୀତି, ଡିଜିଟାଲ ଇଣ୍ଡିଆ ମିସନର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ପ୍ରଯୁକ୍ତି ବିଦ୍ୟାର ନୂତନ ଜ୍ଞାନ କୌଶଳ ଯଥା ଏଆଇ, ବ୍ଲକ୍ ଚେନ୍, ଡାଟା ଆନାଲିଟିକ୍ସ ଆଦିର ଅର୍ଥପୂର୍ଣ୍ଣ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବ। କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ସଚିବ ମନୋଜ ମିଶ୍ର, ଭାରତ ସଞ୍ଚାର ନିଗମର ମୁଖ୍ୟ ମହାପ୍ରବନ୍ଧକ ରୁଦ୍ର ନାରାୟଣ ପଲାଇ, ବିଧାନସଭାର ସଚିବ ଦାଶରଥୀ ଶତପଥୀ ଉପସ୍ଥିତ ଥିଲେ।

BHUBANESWAR Edition
Page No.11 February 21, 2023